ଶାମ୍ବ ଦଶମୀର ବୈଶିଷ୍ଟ୍ୟ

ପଣ୍ଡିତ ରାମକୃଷ୍ଣ ମିଶ୍ର

'ଆଦିତ୍ୟହୃଦୟ ସ୍ତୋତ୍ରଂ'ରୁ ଜଣାଯାଏ ଯେ, ବ୍ରହ୍ମା, ବିଷ୍ଣୁ, ଶିବ, ଅଗ୍ନି ଓ ବାୟୁ ସମେତ ସକଳ ଦେବଦେବୀ ସୂର୍ଯ୍ୟ ଦେବତାଙ୍କର ଏକ ଅଂଶ ଅଟନ୍ତି ଏବଂ ଅଭିନ୍ନ । ଶାମ୍ବ ପୁରାଣ ଅନୁସାରେ ସୂର୍ଯ୍ୟଦେବତା ଶ୍ୱେତଦ୍ୱୀପରେ ବିଷ୍ଣୁ, କୁଶଦ୍ୱୀପରେ ମହେଶ୍ୱର, ପୁଷ୍କରଦ୍ୱୀପରେ ବ୍ରହ୍ମା ଓ ଶାକଦ୍ୱୀପରେ ଭାସ୍କର ନାମରେ ପୂଜା ପାଉଥିଲେ । ଶାକଦ୍ୱୀପ (ମିଶର ଦେଶ) ବ୍ରାହ୍ମଣମାନଙ୍କ ଦ୍ୱାରା ଭାରତରେ ସୂର୍ଯ୍ୟମୂର୍ତ୍ତି ପୂଜାର ବିଧାନ ପ୍ରଚଳିତ ହୋଇଛି । ସୂର୍ଯ୍ୟଙ୍କର ପ୍ରଥମ କିରଣ କୋଣାର୍କଠାରେ ଭୂମି ସ୍ପର୍ଶ କରୁଥିବାରୁ ଏଠାରେ ସୂର୍ଯ୍ୟ ଉପାସନାର ବିଶେଷତ୍ୱ ରହିଛି । ସୂର୍ଯ୍ୟ ଉପାସନା, ଶାମ୍ବପୁରାଣ ଓ ସୂର୍ଯ୍ୟପୁରାଣ ପାଠରେ ଶତ ଅଶ୍ୱମେଧ ଯଜ୍ଞ ଫଳ ମିଳେ । ପ୍ରତ୍ୟହ ସ୍ନାନ ପରେ ସୂର୍ଯ୍ୟଙ୍କୁ ଜଳଦାନ କରାଯାଉଥିଲେ ହେଁ ଶାମ୍ବଦଶମୀରେ ସୂର୍ଯ୍ୟ ଉପାସନାର ଖ୍ୟାତି ରହିଛି । ପୂର୍ବେ ଚନ୍ଦ୍ରଭାଗା ସ୍ନାନ ସମୟରେ କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ସୂର୍ଯ୍ୟଙ୍କର ବିଜେ ପ୍ରତିମା ରଥାରୋହଣ ପୂର୍ବକ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ । ଏହା ସୌରଥ ଯାତ୍ରା ବା ସୌର ଗୁଣ୍ଡିଚା ନାମରେ ପ୍ରଖ୍ୟାତ । ଏହି ରଥଯାତ୍ରାରେ କୋଣାର୍କ କ୍ଷେତ୍ର ମଧ୍ୟରେ ପ୍ରତିଷ୍ଠିତ ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଯାତ୍ରା କରୁଥିଲେ । ପୂର୍ବ ପରମ୍ପରାକ୍ରମେ କୋଣାର୍କରେ ଅଦ୍ୟାବଧି ସ୍ନାନ ଓ ସୂର୍ଯ୍ୟ ପୂଜା ଅବ୍ୟାହତ ରହିଛି ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ପ୍ରାଗ୍ ଜ୍ୟୋତିଷପୁରର ରାଜା ନରକାସୁରକୁ ସୁଦର୍ଶନ ଚକ୍ରରେ ବଧ କରି ଷୋଳ ସହସ୍ର ରମଣୀଙ୍କୁ ବନ୍ଧନମୁକ୍ତ କରିଥିଲେ । ଶ୍ରୀକୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ଅତ୍ୟନ୍ତ ରୂପବାନ ଥିଲେ । ଶାମ୍ବ ଥରେ ପୁଷ୍ପବାଟିକା ମଧ୍ୟରେ ପତ୍ନୀ ଲକ୍ଷ୍ମଣା ଓ କାନନ ବିହାରିଣୀ ସହଚରୀମାନଙ୍କ ମଧ୍ୟରୁ ଜଣଙ୍କର ମଦିର ଚକ୍ଷୁରେ ଅଭିଭୂତ ହୋଇପଡ଼ିଲେ । ନାରଦ ସେଠାରେ ପହଞ୍ଚି ଥିଲେ ମଧ୍ୟ ତାଙ୍କୁ ସମ୍ମାନ ଜଣାଇଲେ ନାହିଁ। ନାରଦ ଶାମ୍ବଙ୍କଠାରୁ

ସମ୍ମାନ ନପାଇ ଶ୍ରୀକୃଷ୍ଣଙ୍କୁ ଜଣାଇଲେ ମଧ୍ୟ ଶ୍ରୀକୃଷ୍ଣ ଏହା ବିଶ୍ୱାସ କଲେ ନାହିଁ। ନାରଦ ଶାମ୍ବଙ୍କ ଶାସ୍ତି ବିଧାନ ପାଇଁ ଅପେକ୍ଷାରେ ଥିଲେ । ଦିନେ ଶ୍ରୀକୃଷ୍ଣ ରୈବତ ପ୍ରମୋଦ କାନନରେ ତାଙ୍କର ଅଷ୍ଟପାଟମହିଷୀ ଓ ଷୋଳସହସ୍ର ରମଣୀମାନଙ୍କ ସହିତ ଜଳକ୍ରୀଡ଼ା ସୁଖରେ ମଗ୍ନ ଥିଲେ । ସେଠାକୁ ଅନ୍ୟ କାହାର ପ୍ରବେଶ ନଥିଲା । ନାରଦ ଏହି ସୁଯୋଗରେ ଶ୍ରୀକୃଷ୍ଣ ସ୍ମରଣ କରୁଛନ୍ତି କହି ଶାମ୍ବଙ୍କୁ

ସେଠାରେ ଉପସ୍ଥିତ କରାଇଲେ । ସେହି ଷୋଳସହସ୍ର ରମଣୀମାନେ ଶ୍ରୀକୃଷ୍ଣଙ୍କ ଉପସ୍ଥିତି ସତ୍ତ୍ୱେ ଶାମ୍ବଙ୍କୁ ଦେଖି ନାରଦଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ଉତ୍ସାହିତ ହୋଇ ଶାମ୍ବଙ୍କୁ ଜଳକ୍ରୀଡ଼ାରେ ଥିବା ନଗ୍ନ ଯୌବନ ଦର୍ଶନ କରାଇଲେ । ଶ୍ରୀକୃଷ୍ଣ କ୍ରୋଧିତ ହୋଇ ତାଙ୍କର ଦେହତ୍ୟାଗ ବା ମହାପ୍ରୟାଣ ପରେ ସେହି ରମଣୀମାନେ ତସ୍କରମାନଙ୍କ ଦ୍ୱାରା ଲାଞ୍ଛିତ ଓ ନିପୀଡ଼ିତ ହେବାର ଅଭିଶାପ ଦେଲେ ଏବଂ ଶାମ୍ବଙ୍କୁ କୁଷ୍ଠ ରୋଗାକ୍ରାନ୍ତ ହେବାର ଅଭିଶାପ ଦେଲେ । ଶାମ୍ବ ଅଭିଶାପରୁ ମୁକ୍ତି ପାଇଁ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । କୁଷ୍ଠରୋଗରୁ ଉପଶମ ପାଇଁ ନାରଦଙ୍କ ପରାମର୍ଶ ନେବାକୁ ଶ୍ରୀକୃଷ୍ଣ ଶାମ୍ବଙ୍କୁ କହିଲେ ।

ନାରଦଙ୍କ ପରାମର୍ଶରେ ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ମୈତ୍ରେୟ (ମିତ୍ର) ବନରେ ସୂର୍ଯ୍ୟଙ୍କ କ୍ଷେତ୍ରରେ ତପସ୍ୟା କରି ସୂର୍ଯ୍ୟଙ୍କୁ ପୂଜା କଲେ । ଶାମ୍ବ ସୂର୍ଯ୍ୟଙ୍କ ନିର୍ଦ୍ଦେଶରେ ଚନ୍ଦ୍ରଭାଗା ନଦୀ ଗର୍ଭରୁ ସୂର୍ଯ୍ୟଙ୍କର ଏକ ମଣିବିଗ୍ରହ ପ୍ରାପ୍ତ ହୋଇ ଚନ୍ଦ୍ରଭାଗା ନଦୀ ତୀରରେ ଗୋଟିଏ ମନ୍ଦିର ନିର୍ମାଣ କରି ମାଘ ସପ୍ତମୀ ତିଥିରେ ସେହି ସୂର୍ଯ୍ୟମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ । ଶାକଦ୍ୱୀପରୁ ବ୍ରାହ୍ମଣ ଅଣାଇ ପୌଷ ଶୁକ୍ଳପକ୍ଷ ଦଶମୀ ତିଥିରେ ସୂର୍ଯ୍ୟଙ୍କୁ ପୂଜାକରି ତାଙ୍କର ବରଦାନରେ ଶାମ୍ବ କୁଷ୍ଠରୋଗରୁ ମୁକ୍ତ ହୋଇଥିଲେ । ତାଙ୍କ ନାମାନୁସାରେ ଏହା ଶାମ୍ବଦଶମୀ ପର୍ବ ଭାବରେ ପାଳନ କରାଯାଉଛି । ଋକ୍‌ବେଦରେ ସୂର୍ଯ୍ୟଙ୍କର ଜନ୍ମସ୍ଥାନ କଳିଙ୍ଗ ବୋଲି ଉଲ୍ଲେଖ ଅଛି । ସୂର୍ଯ୍ୟଙ୍କର ପତ୍ନୀ ସଂଜ୍ଞା ପୂର୍ବ ଉପକୂଳରେ ପଦ୍ମିନୀ ରୂପ ଧାରଣ କରି ଯେଉଁ ସ୍ଥାନରେ ଆବିର୍ଭୂତା ହୋଇଥିଲେ, ତାହା ପଦ୍ମକ୍ଷେତ୍ର ବା ସୂର୍ଯ୍ୟକ୍ଷେତ୍ର କୋଣାର୍କ ନାମରେ ପ୍ରସିଦ୍ଧି ଲାଭ କରିଛି । ସୂର୍ଯ୍ୟଙ୍କର ଏକ ନାମ କୋଣାଦିତ୍ୟ ଥିଲା ।

ମହର୍ଷି ନାରଦ ମିତ୍ରବନକୁ ଆସି ମନ୍ଦିରକୁ କେନ୍ଦ୍ର କରି ଶାମ୍ବପୁର ନଗରୀ ପ୍ରତିଷ୍ଠିତ ହୋଇଥିବା ଦେଖିଲେ ଶାମ୍ବ ନାରଦଙ୍କୁ ଅଭ୍ୟର୍ଥନା କଲେ। ମହର୍ଷି ମୁଗ୍ଧହୋଇ ଶାମ୍ବଙ୍କ ପ୍ରତିଷ୍ଠିତ ଗ୍ରହରାଜ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବାକୁ ଇଚ୍ଛା କଲେ। ଶାମ୍ବ ପୂଜା ଉପକରଣ ନେଇ ମହର୍ଷିଙ୍କ ସାଙ୍ଗରେ ଗଲେ। ମହର୍ଷି ଚନ୍ଦ୍ରଭାଗାର ଜଳ ଓ ଫୁଲ ପତ୍ରରେ କଳ୍ପବୃକ୍ଷ ମୂର୍ତ୍ତି ଗ୍ରହରାଜ ଶାମ୍ବାଦିତ୍ୟଙ୍କୁ ପୂଜା କଲେ। ଶାମ୍ବାଦିତ୍ୟ ନାମ ଶୁଣି ଶାମ୍ବଙ୍କର ଦୁଇଚକ୍ଷୁ ଲୋତକ ପୂର୍ଣ୍ଣ ହେଲା । ନାରଦ ଦୁଇ ଅଶ୍ରୁ ପୂର୍ଣ୍ଣ ଚକ୍ଷୁରେ କହିଥିଲେ ଆଜିଠାରୁ ଏହି ବିଗ୍ରହ ଶାମ୍ବାଦିତ୍ୟ ନାମରେ ପୂଜା ପାଇବେ ।

ଏ.ଏଲ୍‌-୫୩, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର

❖ ❖ ❖